**୨୪.୦୯.୨୦୨୫**

## ନୂତନ ରାସନ କାର୍ଡ ବଣ୍ଟନ

**ଅଣତାରକା ପ୍ରଶ୍ନ ସଂଖ୍ୟା ୧୮୯୫ - ଶ୍ରୀ ଅଶୋକ କୁମାର ଦାସ : ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ଅନୁଗ୍ରହ କରି କହିବେ କି:** (କ) ରାଜ୍ୟରେ କେତେଗୋଟି ରାସନ କାର୍ଡ ବଣ୍ଟନ କରାଯାଇଛି ଏବଂ କେତେଗୋଟି ରେସନ କାର୍ଡ ବଣ୍ଟନ କରିବାର ଯୋଜନା ଅଛି ତାହା ସରକାର ନିର୍ଦ୍ଦିଷ୍ଟ ଭାବେ ଜଣାଇବେ କି; (ଖ) ବାସୁଦେବପୁର ବ୍ଲକ ଏବଂ ପୌରପାଳିକାରେ କେତେଗୋଟି ରେସନ କାର୍ଡ କେଉଁ କେଉଁ ହିତାଧିକାରୀଙ୍କୁ ବଣ୍ଟନ କରାଯାଇଛି ଏବଂ କେତେଗୋଟି ରେସନ କାର୍ଡ ବଣ୍ଟନ କରିବାର ଯୋଜନା ଅଛି ହିତାଧିକାରୀ ମାନଙ୍କର ନାମୱାରୀ ତାଲିକା ପ୍ରଦାନ କରିବେ କି **?**

**ଉତ୍ତର**

**ଶ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ:** (କ) ରାଜ୍ୟରେ ଗତ ଏପ୍ରିଲ ୨୦୨୫ ପରଠାରୁ, ସମୁଦାୟ ୨,୦୫,୩୮୪ ପରିବାରର ୩,୮୭,୮୧୯ ସଦସ୍ୟଙ୍କୁ ଖାଦ୍ୟ ସୁରକ୍ଷା ଯୋଜନାରେ ନୂତନ ଭାବରେ ଅନ୍ତର୍ଭୁକ୍ତ କରାଯାଇଛି । ଇତିମଧ୍ୟରେ ରାଜ୍ୟସରକାର, ରାସନ କାର୍ଡ଼ ଅପେକ୍ଷାରେ ଥିବା ଯୋଗ୍ୟ ହିତାଧିକାରୀଙ୍କୁ, ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ସାମିଲ କରିବା ନିମନ୍ତେ, ଗ୍ରାମାଞ୍ଚଳ ପାଇଁ ୧୩,୫୦,୦୦୦ ଏବଂ ସହରାଞ୍ଚଳ ପାଇଁ ୧,୫୦,୦୦୦ ହିତାଧିକାରୀ ଟାର୍ଗେଟ ପ୍ରଦାନ କରିଛନ୍ତି। ଏହାଦ୍ୱାରା ଆହୁରି ୬ ଲକ୍ଷ ୫୦ ହଜାର ଯୋଗ୍ୟ ପରିବାରଙ୍କୁ, ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ଅନ୍ତର୍ଭୁକ୍ତ କରାଯିବାର ଯୋଜନା ଅଛି ।

(ଖ) ବାସୁଦେବପୁର ବ୍ଲକରେ ୬୫୮ ଗୋଟି ରାସନ କାର୍ଡ଼ ଯାହାଙ୍କର ସଦସ୍ୟ ସଂଖ୍ୟା ୧,୫୩୦ ବଣ୍ଟନ କରାଯାଇଛି ଏବଂ ୧୧,୪୩୪ ଆବେଦନର କ୍ଷେତ୍ର ତର୍ଜମା ଚାଲିଛି । ସେହିପରି, ପୌରପାଳିକାରେ ୪୭ ଟି ରାସନ କାର୍ଡ଼ ଯାହାଙ୍କର ସଦସ୍ୟ ସଂଖ୍ୟା ୯୦ ବଣ୍ଟନ କରାଯାଇଛି ଏବଂ ୧,୮୨୩ ଗୋଟି ଆବେଦନର କ୍ଷେତ୍ର ତର୍ଜମା ଚାଲିଛି। କ୍ଷେତ୍ର ତର୍ଜମା ପରେ ଯୋଗ୍ୟ ବିବେଚିତ ହେଉଥିବା ଆବେଦନ ଗୁଡ଼ିକୁ ରାସନ କାର୍ଡ଼ ପ୍ରଦାନ କରାଯିବ ।